# Akashvani, Sambalpur

## SAMBALPURI NEWS BULLETIN

### 30 August 2024- 6.47- 6.52 am.

*********************************************

ସୁଭଦ୍ରା ଯୋଜ୍‌ନା ମାର୍ଗଦର୍ଶିକା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ସୁଭଦ୍ରା ଯୋଜ୍‌ନାର୍ ମାର୍ଗଦର୍ଶିକା ଜାରି କରାଯାଇଛେ । ହିତାଧିକାରୀମାନ୍‌କୁ ଠିକ୍ ସୂଚ୍‌ନା ଦେବାର୍ ସହେତେ ଆବେଦନ୍ ପ୍ରଣାଲୀକେ ସହଜ୍ କର୍‌ବାର୍ ଲାଗି ଇ ମାର୍ଗଦର୍ଶିକା ପ୍ରସ୍ତୁତ୍ କରାଯାଇଛେ । ସୁଭଦ୍ରା ଯୋଜ୍‌ନା ଆବେଦନ୍ କର୍‌ବାର୍ ଲାଗି ମହିଲାମାନ୍‌କର୍ ବୟସ୍ ୨୧ କି ତାର୍‌ନୁ ଅଏତ୍‌କା ଆର୍ ୬୦ ବଛର୍‌ନୁ କମ୍ ହେଇଥିବାର୍ ଦର୍‌କାର୍ । ୨୦୨୪ ମସିହା ଜୁଲାଇ ୧ ତାରିଖ୍‌ତକ୍ ଯେନ୍ ମହିଲାମାନ୍‌କୁ ୬୦ ବଛର୍‌ନୁ କମ୍ ବୟସ୍ ହେଇଥିବା ସେମାନେ ଚଲ୍‌ତି ଆର୍ଥିକ୍ ବଛର୍‌ର ସୁଭଦ୍ରା କିସ୍ତି ପାଏବେ । ଯୋଗ୍ୟ ମହିଲାଙ୍କର୍ ନାଁଥି ଆଧାର୍‌କାର୍ଡ୍ ଥିବାର୍ ସହେତେ ସେମାନ୍‌କର୍ ମୋବାଇଲ୍ ନମ୍ବର୍ ଆଧାର୍‌କାର୍ଡ୍‌ଥି ଲିଙ୍କ୍ ଥିବାର୍ ଦର୍‌କାର୍ ବଲି ମାର୍ଗଦର୍ଶିକାଥି କୁହାଯାଇଛେ । ସବୁ ଯୋଗ୍ୟ ମହିଲାଙ୍କୁ ବଛର୍‌କ ୨ ଟା କିସ୍ତିଥି ୧୦ ହଜାର୍ ଟଙ୍କା

ଲେଖା ୫ ବଛ୍‌ରେ ୫୦ ହଜାର୍ ଟଙ୍କା ଦିଆଯିବା । ଫି ବଛର୍ ପହେଲା କିସ୍ତି ରାଖି ପୁନି ଆର୍ ୨ ନମ୍ବର୍ କିସ୍ତି ଆନ୍ତର୍ଜାତୀୟ ମହିଳା ଦିବସ୍‌ଥି ଦିଆଯିବା ବଲି ସୂଚ୍‌ନା ମିଲିଛେ ।

ମୁଖ୍ୟମନ୍ତ୍ରୀ-କେନ୍ଦ୍ର ଇସ୍ପାତ୍ ସଚିବ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ କେନ୍ଦ୍ର ଇସ୍ପାତ୍ ସଚିବ ସନ୍ଦିପ୍ ପୌଣ୍ଡ୍ରିକ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଭେଟିଛନ୍ । ଇ ସମିଆଥି ରାଜ୍ୟର୍ ଇସ୍ପାତ୍ ଶିଳ୍ପର୍ ବିକାଶ୍ ବାବ୍‌ଦେ ଆଲୋଚନା ହେଇଥିଲା । ଇ ଅବ୍‌ସରେ କେନ୍ଦ୍ର ଇସ୍ପାତ୍ ସଚିବ କହିଥିଲେ ଯେ, ରାଉର୍‌କେଲା ଷ୍ଟିଲ୍ ପ୍ଲାଂଟ୍‌ର ସମ୍ପ୍ରସାରଣ୍ କରାଯାଇକରି ଇତାର୍ ଉତ୍ପାଦନ୍ କ୍ଷମତାକେ ୪ ଦଶ୍‌ମିକ୍ ୫ ମିଲିୟନ୍ ଟନ୍ ନୁ ୯ ମିଲିୟନ୍ ଟନ୍‌କେ ବଢ଼ାଯିବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ସହଯୋଗ୍ ଦର୍‌କାର୍ ବଲି ସେ କହିଥିଲେ । ସେଆଡ଼େ ରାଜ୍ୟ ସର୍‌କାର୍ ଇ ବାବ୍‌ଦେ ସବୁ ସହଯୋଗ୍ ଯୁଗେଇ ଦେବେ ବଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଉର୍‌କେଲାର୍ ଆଇଜିଏଚ୍ ହସ୍ପିଟାଲ୍ ଆର୍ ଅଲ୍‌ଗା ଖଣି ଇଲାକା ନ ଭିନ୍ ଭିନ୍ ବିଭାଗୀୟ ପିଏସ୍‌ୟୁ ତର୍‌ଫୁ ପରିଚାଲିତ୍ ହେଉଥିବା ହସ୍ପିଟାଲ୍ ମାନ୍‌କର୍ ଅଏତ୍‌କା ଉନ୍ନତି ହେବାର୍ ଦର୍‌କାର୍ ରହିଛେ । ଇଟା ହେଲେ କର୍ମଚାରୀ ଆଉ ସେ ଇଲାକାର୍ ଲୁକେ ଭଲ୍ ସ୍ୱାସ୍ଥ୍ୟସେବା ପାଇପାର୍‌ବେ ।

ବିଦ୍ୟାଳୟ-ଉତ୍କର୍ଷ କେନ୍ଦ୍ର                ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ବିଦ୍ୟାଳୟମାନେ ଉତ୍କର୍ଷ କେନ୍ଦ୍ର ହେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ବିଧାନ୍ସଭା ନ ବିଭାଗ୍ର ଖର୍ଚ୍ଚ ଦାବି ଆଲୋଚନା ସମିଆଥି ମନ୍ତ୍ରୀ କହିଛନ୍ ଯେ, ବିଦ୍ୟାଳୟମାନ୍କୁ ଉତ୍କର୍ଷ କେନ୍ଦ୍ରଥି ରୂପାନ୍ତରିତ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ଙ୍କର୍ ସହଯୋଗ୍ଥି ରାଜ୍ୟ ସର୍କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଇଛନ୍ । ଜାତୀୟ ଶିକ୍ଷା ନୀତି ଆଧାର୍ଥି ବିଦ୍ୟାଳୟମାନ୍କେ ଗୁଣାତ୍ମକ ଶିକ୍ଷା ପ୍ରଦାନ୍ର ପରିବେଶ୍ ସୃଷ୍ଟି କରାଯିବା । ଆଏବା ଦିନେ ରାଏଜେ ୨୮ ହଜାର୍ ୪ ଶହ ୩୯ ଝନ୍ ଶିକ୍ଷକଙ୍କୁ ନିଯୁକ୍ତି ମିଲ୍ବା ବଲି ମନ୍ତ୍ରୀ କହିଛନ୍ ।

ଡିଗ୍ରୀ କଲେଜ୍ -ଅଧ୍ୟାପକ ନିଯୁକ୍ତି     ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ଡିଗ୍ରୀ କଲେଜ୍ ମାନ୍କେ ବହୁତ୍ ଜଲ୍ଦି ଦେଢ଼୍ ହଜାର୍ ଅଧ୍ୟାପକ ନିଯୁକ୍ତି ହେବେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ବିଧାନ୍ସଭା ନ ଉଚ୍ଚଶିକ୍ଷା ବିଭାଗ୍ର ଖର୍ଚ୍ଚ ଦାବି ଉପସ୍ଥାପନ୍ କର୍ବାର୍ ଅବ୍ସରେ ସେ କହିଛନ୍ ଯେ, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ୍ ଯୋଜ୍ନାଥି ବିଦେଶ୍ ନ ଥିବାର୍ ବିଶ୍ୱବିଦ୍ୟାଳୟମାନ୍କେ ସ୍ନାତକୋତର୍ ଆଉ ଡକ୍ଟରେଟ୍ ପଢ଼୍ବାର୍

ଲାଗି ୩୦ ଝନ୍ ଅନୁସୂଚିତ ଜାତି ଆଉ ଜନଜାତି ଛାତ୍ରଛାତ୍ରୀଙ୍କୁ ବଛର୍‌କ ଶହେ ପ୍ରତିଶତ୍ ମାହାଲିଆ ଛାତ୍ରବୃତି ଦିଆଯିବା । ଇଥିର୍‌ଲାଗି ମାର୍ଗଦର୍ଶିକା ତିଆର୍ କରାଯାଉଛେ ବଲି ସେ କହିଛନ୍ । ସେନ୍ତା ସେମିଲିଗୁଡ଼ା ସହେତେ ଉପାନ୍ତ ଆଉ ସୀମା ଇଲାକା ନ ୧୮ ଟା ନୂଆଁ କଲେଜ୍ ଖୁଲ୍‌ବାର୍ ଲାଗି ସର୍‌କାର୍ ବ୍ୟବସ୍ଥା କରିଛନ୍ ।

ନିଯୁକ୍ତି ଅଭିଯାନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ନିଯୁକ୍ତି ଅଭିଯାନ୍ ହେଇଯାଇଛେ । ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍ ରାଏଜେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କର୍ ଲାଗି ପହେଲାଥର୍ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରିଥିଲା । ପ୍ରତିଷ୍ଠାନ୍‌ର ସମ୍ମିଲନୀ କକ୍ଷ ନ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ବିଭାଗ୍‌ର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ୍ ଯୋଗ୍ ଦେଇକରି ନିଯୁକ୍ତି ଅଭିଯାନ୍‌ଥି ସାମିଲ୍ ହେଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ୍ କରିଥିଲେ । ଇ ଅଭିଯାନ୍ ଆଏବା ବଛର୍‌ମାନ୍‌କେ ଜାରି ରହେବା ବଲି ଶ୍ରୀମତୀ ପଟ୍ଟନାୟକ୍ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ୍ ଅଧିକାରୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ୍‌ର ଅଧିକାରୀ ଭାଲେରୀ ଏନ୍. ଗୁଆନେରୀ ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ଭେଟିଛନ୍ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ୍ ଜରିଏ କୃଷି ବିଭାଗ୍‌ଥି ହେଉଥିବା ଭିନ୍ ଭିନ୍ ପ୍ରକଳ୍ପ ଲାଗି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍‌ର ଅଧିକାରୀଙ୍କର୍ ସହଯୋଗ୍ ରହୁଥିବାର୍‌ନୁ ଗୁଆନେରୀ କୃତଜ୍ଞତା ଜନେଇଥିଲେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ ଯେ, କୃଷି କ୍ଷେତ୍ର ନ ସହଯୋଗୀ ଅଭିବୃଦ୍ଧି ଆଉ ସ୍ଥିରତାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ତାଙ୍କର୍ ସର୍‌କାର୍ କାମ୍ କରୁଛନ୍ ।

ମଙ୍ଗଳା ମୁଦୁଲି- ସମ୍ବର୍ଦ୍ଧିତ ଆର୍‌ଏନ୍‌ୟୁ / ସମ୍ବଲପୁର

ବ୍ରହ୍ମପୁର୍ ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ୍‌ଥି ଏମ୍‌ବିବିଏସ୍ ପାଠ୍ୟକ୍ରମ୍ ଲାଗି ନିଟ୍-୨୦୨୪ ଜରିଏ ଯୋଗ୍ୟ ବିବେଚିତ୍ ହେଇଥିବା ମାଲ୍‌କାନ୍‌ଗିରି ଜିଲ୍ଲାର୍ ବଣ୍ଡା ଜନଜାତି ଛାତ୍ର ମଙ୍ଗଳା ମୁଦୁଲିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ସମ୍ବର୍ଦ୍ଧିତ୍ କରିଛନ୍ । ଫୁଲତୋଡା ଆର୍ ଉତରୀୟ ଦେଇକରି ସମ୍ବର୍ଦ୍ଧିତ କର୍‌ବାର୍ ସହେତେ ମଙ୍ଗଳାଙ୍କୁ ଗୁଟେ ଲେପ୍‌ଟପ୍ ଉପହାର୍ ଭାବେ ମୁଖ୍ୟମନ୍ତ୍ରୀ ଦେଇଛନ୍ ।

ଶ୍ରୀମନ୍ଦିର୍ ପରିଚାଳନା କମିଟି ବୈଠକ    ଆର୍ଏନ୍ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ବୈଠକ୍ ଆଏଜ୍ ହେବା । ବୈଠକ୍ଥି ଶ୍ରୀମନ୍ଦିର୍ ଲାଗି ଚଲ୍ତି ଆର୍ଥିକ୍ ବଛର୍ ୨୦୨୪-୨୫ ର ୩ ଶହ ୮୬ କୋଟି ଟଙ୍କାର୍ ପ୍ରସ୍ତୁତ୍ ହେଇଥିବା ବଜେଟ୍କେ ଉପସ୍ଥାପିତ୍ କରାଯିବା ।

ଚାଷୀ ପଞ୍ଜିକରଣ୍          ଆର୍ଏନ୍ୟୁ /ସମ୍ବଲପୁର

ଚଲ୍ତି ଖରିଫ୍ ଋତୁଥି ଧାନ୍ ବିକ୍ବାର୍ ଲାଗି ସମ୍ବଲ୍ପୁର୍ ଜିଲ୍ଲାର୍ ୫୯ ହଜାର୍ ୮ ଶହ ୯୮ ଝନ୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ । ଗଲାବଛର୍ନୁ ଇ ବଛର୍ ପଞ୍ଜିକୃତ ଚାଷୀଙ୍କର୍ ସଂଖ୍ୟା ଶହେ ୩୪ ଝନ୍ କମିଛେ । ଚଲ୍ତି ଖରିଫ୍ ଋତୁଥି ଜିଲ୍ଲାର୍ ୪୫ ଟା ସମବାୟ ସମିତି ଆର୍ ୧୪ ଟା ଏସ୍ଏଚ୍ଜି ଜରିଏ ଚାଷୀମାନ୍କର୍ନୁ ଧାନ୍ ସଂଗ୍ରହ ହେବା ବଲି ସମବାୟ ବିଭାଗ୍ ତର୍ଫୁ ସୂଚ୍ନା ମିଳିଛେ ।

ପାଣିପାଗ      ଆର୍ଏନ୍ୟୁ/ସମ୍ବଲପୁର

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଲଘୁଚାପ୍ଥି ବଦ୍ଲିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ଶନିବାର୍ତକ୍ ବର୍ଷା ଲାଗି ରହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଭୁବ୍ନେଶ୍ୱର୍ ତର୍ଫୁ ସୂଚ୍ନା ମିଲିଛେ । ଆଏଜ୍ କଲାହାଣ୍ଡି, ନୂଆପଡ଼ା, ବର୍ଗଡ଼୍, ବୌଦ୍ଧ, ସୁବର୍ଣ୍ଣପୁର୍ ସହେତେ ୧୦ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍ତକ୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାୟାଇଛେ ।